# NATIONAL NEWS BULLETIN (ODIA)
## 18 November - 2025
## Evening Bulletin : 7.15 p.m.

********************************

## ମୁଖ୍ୟ ସମ୍ବାଦ

- ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁକୁ ଆସନ୍ତାକାଲି ପ୍ରଧାନମନ୍ତ୍ରୀଙ୍କ ଗସ୍ତ ।

– କୋଏମ୍ବାଟୁର୍ ଠାରେ ପି.ଏମ୍. କିଶାନ୍ ଯୋଜନାର ହିତାଧିକାରୀଙ୍କୁ ପ୍ରଦାନ କରିବେ କିସ୍ତି ଅର୍ଥ ।

- ବିହାର ବିଧାନସଭା ନବନିର୍ବାଚିତ ବିଧାୟକ ଦଳ ବୈଠକ ପାଇଁ ବିଜେପି ପକ୍ଷରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓ ଉପ-ପର୍ଯ୍ୟବେକ୍ଷକ ନିଯୁକ୍ତ ।

- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ହେଲା ବନ୍ୟପ୍ରାଣୀ ଏବଂ ଜଳପ୍ରବାହ ଜନିତ ଫସଲ କ୍ଷତି ।

- ଆନ୍ଧ୍ରପ୍ରଦେଶରେ ସୁରକ୍ଷା କର୍ମୀଙ୍କ ସହ ଗୁଳିବିନିମୟରେ ଜଣେ ଶୀର୍ଷ କମାଣ୍ଡରଙ୍କ ସହ ୬ ଜଣ ମାଓବାଦୀଙ୍କର ମୃତ୍ୟୁ ।

ଏବଂ

- ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ମୃତ୍ୟୁ ଦଣ୍ଡାଦେଶକୁ ବିରୋଧ କଲେ ଜାତିସଂଘ ମହାସଚିବ ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଗସ୍ତରେ ଯିବେ । ପ୍ରଧାନମନ୍ତ୍ରୀ ତାମିଲନାଡୁର କୋଏମ୍ବାଟୁର ଗସ୍ତ କରି ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀକୁ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ପିଏମ୍ କିଷାନ ଯୋଜନାର ଏକବିଂଶ କିସ୍ତି ପ୍ରଦାନ କରିବେ । ଏଥିରେ ୯ କୋଟିରୁ ଅଧିକ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮ ହଜାର କୋଟିରୁ ଅଧିକ ଟଙ୍କା ସିଧାସଳଖ ହସ୍ତାନ୍ତର କରାଯିବ ।

ପ୍ରଥମେ ଆନ୍ଧ୍ରପ୍ରଦେଶ ଗସ୍ତ ଅବସରରେ ଶ୍ରୀ ମୋଦୀ ପୁଟପର୍ତ୍ତୀସ୍ଥିତ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମହାସମାଧି ପରିଦର୍ଶନ କରି ପୁଷ୍ପାର୍ଘ୍ୟ ପ୍ରଦାନ କରିବେ । ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ବାର୍ଷିକୀ ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବା ସହ ସ୍ମାରକୀ ଡାକଟିକଟ ଓ ମୁଦ୍ରା ଉନ୍ମୋଚନ କରିବାର କାର୍ଯ୍ୟସୂଚୀ ରହିଛି ।

# ବିଜେପି-ବିହାର ଅବ୍‌ଜର୍ଭର

ବିହାର ବିଧାନସଭା ନବନିର୍ବାଚିତ ଏନ୍.ଡି.ଏ. ବିଧାୟକ ଦଳ ବୈଠକ ପାଇଁ ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ବିଜେପି ପକ୍ଷରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ କରାଯାଇଛି । କେନ୍ଦ୍ର ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତିଙ୍କୁ କେନ୍ଦ୍ରୀୟ ଉପ-ପର୍ଯ୍ୟବେକ୍ଷକ ଭାବେ ଦଳ ପକ୍ଷରୁ ଦାୟିତ୍ୱ ଅର୍ପଣ କରାଯାଇଛି । ବିଜେପି ସଂସଦୀୟ ବୋର୍ଡ ବୈଠକରେ ଏହି ପର୍ଯ୍ୟବେକ୍ଷଙ୍କର ଚୟନକୁ ଅନୁମୋଦନ କରାଯାଇଛି ।

ପାଟନା ଠାରେ ଆସନ୍ତାକାଲି ନବନିର୍ବାଚିତ ଏନ୍.ଡି.ଏ. ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ନେତା ନିର୍ବାଚନ କରାଯିବାକୁ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ବିଜେପି ଏବଂ ଜେ.ଡି.ୟୁ. ବିଧାୟକ ଦଳ ବୈଠକ ମଧ୍ୟ ଆସନ୍ତାକାଲି ପାଟନାଠାରେ ଅନୁଷ୍ଠିତ ହେବ । ଏନ୍.ଡି.ଏ.ର ସହଯୋଗୀ ଦଳଗୁଡ଼ିକର ବୈଠକ ଅନୁଷ୍ଠିତ ହୋଇ ନେତା ନିର୍ବାଚନ ପରେ ଏନ୍.ଡି.ଏ. ନବନିର୍ବାଚିତ ବିଧାୟକଙ୍କର ବୈଠକ ଅନୁଷ୍ଠିତ ହେବା ସହ ବିଧାୟକ ଦଳ ନେତା ଚୟନ କରାଯିବ । ନୂତନ ମନ୍ତ୍ରିମଣ୍ଡଳର ଶପଥ ଗ୍ରହଣ ସମାରୋହ ଆସନ୍ତା ଗୁରୁବାର ପାଟନାର ଗାନ୍ଧି ମଇଦାନଠାରେ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ରହିଛି ।

# ଜୟଶଙ୍କର-ଏସ୍‌ସିଓ

ସମସ୍ତ ପ୍ରକାର ଆତଙ୍କବାଦ କାର୍ଯ୍ୟକଳାପ ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଇବାକୁ ବିଶ୍ୱ ସମୁଦାୟକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଆହ୍ୱାନ ଦେଇଛନ୍ତି । ରୁଷର ମସ୍କୋ ଠାରେ ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ସରକାରୀ ମୁଖ୍ୟ ପରିଷଦ ବୈଠକକୁ ସମ୍ବୋଧନ କରି ଡକ୍ଟର ଜୟଶଙ୍କର କହିଛନ୍ତି, ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ଆତଙ୍କବାଦ, ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଛି । ଜଳବାୟୁ ପରିବର୍ତ୍ତନ, ମହାମାରୀ ଏବଂ ସଂଘର୍ଷ ଜନିତ ପରିସ୍ଥିତି ପରିପ୍ରେକ୍ଷୀରେ ମାନବିକ ସହଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଦକ୍ଷିଣ ପୂର୍ବ ଏସିଆରେ ଐତିହ୍ୟ ସଂରକ୍ଷଣର ବ୍ୟାପକ ଅଭିଜ୍ଞତାକୁ ଭାରତ ମଧ୍ୟ ଏସିଆକୁ ବିସ୍ତାର କରିବାକୁ ଇଚ୍ଛୁକ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ପରିବର୍ତ୍ତିତ ବିଶ୍ୱ ଦୃଶ୍ୟପଟ୍ଟ ସହ ଖାପ ଖୁଆଇ ସାଂଘାଇ ସହଯୋଗ ସଂଗଠନ ଏସ୍.ସି.ଓ. ଏକ ବିକଶିତ ଢାଞ୍ଚା ପ୍ରସ୍ତୁତ କରିବା ଏବଂ କାର୍ଯ୍ୟ ପଦ୍ଧତିରେ ସଂସ୍କାର ଆଣିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱ ପ୍ରଦାନ କରିଛନ୍ତି ।

# ଫସଲ ବୀମା ଯୋଜନା

ବନ୍ୟ ପ୍ରାଣୀ ଏବଂ ଜଳ ପ୍ରବାହ ଜନିତ ଫସଲ କ୍ଷତିକୁ ଏବେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରାଯାଇଛି । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ବନ୍ୟ ପ୍ରାଣୀ ଯୋଗୁଁ ହେଉଥିବା ଫସଲ କ୍ଷତିକୁ ସ୍ଥାନୀୟ ବିପଦ ବର୍ଗରେ ପଞ୍ଚମ ଅତିରିକ୍ତ ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ଜଳବନ୍ଦୀ ଏବଂ ଜଳ ପ୍ରବାହ ଯୋଗୁଁ ହେଉଥିବା ଫସଲ କ୍ଷତିକୁ ସ୍ଥାନୀୟ ବିପର୍ଯ୍ୟୟ ବର୍ଗରେ ସାମିଲ କରାଯାଇଛି । ତେବେ ରାଜ୍ୟଗୁଡ଼ିକ ଏଭଳି ଫସଲ କ୍ଷତି ପାଇଁ ତାଲିକା ପ୍ରସ୍ତୁତ ସହ ସମ୍ଭାବ୍ୟ ଅଞ୍ଚଳକୁ ଚିହ୍ନଟ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ଜିଓ ଟ୍ୟାଗ୍ ଫଟୋ ଗ୍ରାଫ୍ ଅପ୍‌ଲୋଡ୍ କରି ଫସଲ ବୀମା ଆପ୍ ମାଧମରେ ୭୨ ଘଣ୍ଟା ମଧରେ କ୍ଷୟକ୍ଷତି ରିପୋର୍ଟ୍ ଦାଖଲ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି । ଆସନ୍ତା ୨୦୨୬ ଖରିଫ୍ ଋତୁରୁ ଏହି ନିଷ୍ପତ୍ତି ଲାଗୁ କରାଯିବ ବୋଲି ମନ୍ତ୍ରଣାଳୟ କହିଛି । ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ଫସଲ କ୍ଷତି ଏବଂ ବନ୍ୟା ପ୍ରବଣ ତଥା ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ଧାନ ଚାଷୀଙ୍କ କ୍ଷତିକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଏଭଳି ନିଷ୍ପତ୍ତି ଓଡ଼ିଶା ସମେତ ୧୬ଟି ରାଜ୍ୟ ଚାଷୀଙ୍କୁ ସୁଫଳ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି ।

# ଆନ୍ଧ୍ର-ମାଓଇଷ୍ଟ

ଆନ୍ଧ୍ରପ୍ରଦେଶର ଆଲୁରିସୀତା ରାମାରାଜୁ ଜିଲ୍ଲା ଅନ୍ତର୍ଗତ ମାରେଡୁମିଲି ଜଙ୍ଗଲାଞ୍ଚଳରେ ସୁରକ୍ଷା କର୍ମୀଙ୍କ ଗୁଳି ବିନିମୟରେ ୬ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ଆନ୍ଧ୍ର-ଛତିଶଗଡ଼ ଏବଂ ଓଡ଼ିଶା ତ୍ରିକୋଣ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ମାଓ ବିରୋଧୀ ଅଭିଯାନ ବେଳେ ଏହି ଗୁଳିଗୋଳା ବିନିମୟ ହୋଇଥିଲା । ମୃତକଙ୍କ ମଧ୍ୟରେ ମାଓ ସଂଗଠନର ଜଣେ ପ୍ରମୁଖ କମାଣ୍ଡାର ମାଧବୀ ହିଡ୍‌ମା  ରହିଛି ।

ଆନ୍ଧ୍ରପ୍ରଦେଶ ପୁଲିସ୍ ମହାନିର୍ଦ୍ଦେଶକ ହରିଶ କୁମାର ଗୁପ୍ତା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିବା ପରେ ସେହି ଅଞ୍ଚଳରେ ମାଓ ବିରୋଧୀ ଅଭିଯାନକୁ ତୀବ୍ର କରାଯାଇଥିଲା । ତେବେ ଗୁଳି ବିନିମୟରେ କୌଣସି ସୁରକ୍ଷା କର୍ମୀ ଆହତ ହୋଇ ନାହାନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି । ବସ୍ତର ରେଞ୍ଜର ଆଇ.ଜି. ସୁନ୍ଦର ରାଜ ପି. କହିଛନ୍ତି, ଗୁଳି ବିନିମୟରେ ମାଓ ଶୀର୍ଷ କମାଣ୍ଡାର ହିଡ୍‌ମାଙ୍କ ମୃତ୍ୟୁ ଏକ ବଡ଼ ସଫଳତା । ସେହି ଅଞ୍ଚଳରୁ ଏ.କେ.-୪୭ ରାଇଫଲ୍ ସମେତ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ତଲାସୀ ଅଭିଯାନକୁ ଆହୁରି ତ୍ୱରାନ୍ୱିତ କରାଯାଇଛି ।

ଅନ୍ୟ ପକ୍ଷରେ ବିଜୟଓ୍ୱାଡ଼ାରୁ ପୁଲିସ୍ ପକ୍ଷରୁ କିଛି ମହିଳାଙ୍କୁ ମିଶାଇ ୨୭ ଜଣଙ୍କୁ ସନ୍ଦିଗ୍ଧ ମାଓ କାର୍ଯ୍ୟକଳାପ  ଅଭିଯୋଗରେ ଗିରଫ୍ କରାଯାଇଛି । ସୁରକ୍ଷା ସଂସ୍ଥା ପକ୍ଷରୁ କୁହାଯାଇଛି, ଆସନ୍ତା ୨୦୨୬ ମାର୍ଚ୍ଚ

ସୁଦ୍ଧା ଦେଶକୁ ମାଓମୁକ୍ତ କରିବା ଅଭିଯାନ ଅଧୀନରେ ଏଭଳି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି ।

## ୟୁଏନ୍-ହସିନା ସେଣ୍ଟେନ୍ସ

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବିରୁଦ୍ଧରେ ସେହି ଦେଶର ଅଦାଲତ ଦ୍ୱାରା ଦିଆଯାଇଥିବା ମୃତ୍ୟୁ ଦଣ୍ଡକୁ ଜାତିସଂଘ ମହାସଂଚିବ ଆଣ୍ଟୋନିଓ ଗୁଟେରସ୍ ବିରୋଧ କରିଛନ୍ତି । ଗଣମାଧ୍ୟମକୁ ସମ୍ବୋଧନ କରିବା ଅବସରରେ ମହାସଚିବଙ୍କ ମୁଖପାତ୍ର ଷ୍ଟିଫେନ୍ ଡୁଜାରିକ୍ କହିଛନ୍ତି, ଶେଖ୍ ହସିନାଙ୍କ ଅନୁପସ୍ଥିତିରେ ଏଭଳି ନିଷ୍ପତ୍ତି ଗ୍ରହଣ ଯୋଗ୍ୟ ନୁହେଁ । ଯେକୌଣସି ପରିସ୍ଥିତିରେ ମୃତ୍ୟୁ ଦଣ୍ଡାଦେଶକୁ ଜାତିସଂଘ ବିରୋଧ କରେ ବୋଲି ସେ କହିଛନ୍ତି ।

ବାଂଲାଦେଶରେ ଗତବର୍ଷ ସଂଘଠିତ ଛାତ୍ର ନେତୃତ୍ୱାଧୀନ ପ୍ରତିବାଦ ସମୟରେ ହିଂସାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ନେଇ ଢାକା ସ୍ଥିତ ଦେଶର ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ୍ ଶେଖ୍ ହସିନାଙ୍କ ଅନୁପସ୍ଥିତିରେ ମୃତ୍ୟୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ତାଙ୍କ ସହିତ ବାଂଲାଦେଶର ପୂର୍ବତନ ଗୃହ ମନ୍ତ୍ରୀ ଅସଦୁଜ୍ଜମାନ୍ ଖାନ୍ କମଲ୍‌ଙ୍କୁ ମଧ୍ୟ ଏହି ମାମଲାରେ ଟ୍ରିବ୍ୟୁନାଲ୍ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି ।

ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ଭୋଲକର୍ ତୁର୍କ୍‌ଙ୍କ ବିବୃତ୍ତିକୁ ଉଦ୍ଧାର କରି ମୁଖପାତ୍ର ଡୁଜାରିକ୍ କହିଛନ୍ତି, ବାଂଲାଦେଶର

ବିଚାରପତିଙ୍କୁ ନେଇ ଗଠିତ ଏହି ସ୍ଥାନୀୟ କୋର୍ଟ୍‌କୁ ଆନ୍ତର୍ଜାତିକ ଅପରାଧ ଟ୍ରିବ୍ୟୁନାଲ୍ ବୋଲି ନାମିତ କରାଯାଇଛି । ଶ୍ରୀ ତୁର୍କଙ୍କ ମୁଖପାତ୍ର ରବିନା ସାମ୍‌ଦାସାନୀ କହିଛନ୍ତି, ଉପଯୁକ୍ତ ପ୍ରକ୍ରିୟା ଏବଂ ନିରପେକ୍ଷ ତଥା ଆନ୍ତର୍ଜାତିକ ମାନଦଣ୍ଡ ଏହି ମାମଲାର ବିଚାର ପ୍ରକ୍ରିୟାରେ ଗ୍ରହଣ କରାଯାଇ ନାହିଁ ।

## ସୀତାରମଣ-ପ୍ରି ବଜେଟ୍

ନୂଆଦିଲ୍ଲୀରେ ଆଜି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ପ୍ରସ୍ତୁତି ସଂକ୍ରାନ୍ତ ପଞ୍ଚମ ପ୍ରାକ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କ ସମେତ ଶିଳ୍ପ ଓ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ସଚିବ, ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଏବଂ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ପ୍ରମୁଖ ଯୋଗଦେଇଥିଲେ । ଏହା ପୂର୍ବରୁ ଚତୁର୍ଥ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ ଅର୍ଥମନ୍ତ୍ରୀ ପୁଞ୍ଜିବଜାର ଅଂଶିଦାରମାନଙ୍କ ସହିତ ଆଲୋଚନା କରିଥିଲେ । ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଅର୍ଥନୀତିଜ୍ଞ, ଶିଳ୍ପ ସଂସ୍ଥାର ପ୍ରତିନିଧି ଏବଂ ରାଜ୍ୟ ଅଧିକାରୀଙ୍କୁ ନେଇ ବିଭିନ୍ନ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ ଆୟୋଜନ କରାଯାଇଥାଏ ।

## ଗୋୟଲ୍-ଇଣ୍ଡୋ ଆମେରିକାନ୍ ଚାମ୍ବର୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ-ଆମେରିକା ଦ୍ୱିପାକ୍ଷିକ ସହଭାଗିତା ସ୍ଥିର ତଥା ରଣନୈତିକ ଓ ଅର୍ଥନୈତିକ କ୍ଷେତ୍ରରେ ଦୃଢ଼ ରହିଛି । ନୂଆଦିଲ୍ଲୀରେ ଇଣ୍ଡୋ ଆମେରିକୀୟ ଚାମ୍ବର୍ ଅଫ୍ କମର୍ସ୍‌କୁ ଆଜି ସମ୍ବୋଧନ କରି ଶ୍ରୀ ଗୋୟଲ କହିଛନ୍ତି, ଦୁଇ ରାଷ୍ଟ୍ର ମଧ୍ୟରେ ସହଭାଗିତା ବିକାଶ ମୂଳକ ଦୃଷ୍ଟିକୋଣ ଉପରେ ପର୍ଯ୍ୟବେଶିତ । ଚାଷୀ, ମତ୍ସ୍ୟଜୀବୀ, କ୍ଷୁଦ୍ର ଶିଳ୍ପ ଏବଂ ବ୍ୟବସାୟର ସମ୍ବେଦନଶୀଳତାର ସନ୍ତୁଳନ ରକ୍ଷା କରି ଭାରତ ଦ୍ୱିପାକ୍ଷିକ ଆଲୋଚନାରେ ନିଜର ପକ୍ଷ ଉପସ୍ଥାପନ କରୁଛି ବୋଲି ଶ୍ରୀ ଗୋୟଲ କହିଛନ୍ତି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବ ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## ଇସିଆଇ-ଏସ୍‌ଆଇଆର୍

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବା ପରଠାରୁ ଏ ପର୍ଯ୍ୟନ୍ତ ୫୦ କୋଟି ୯୭ ଲକ୍ଷରୁ ଅଧିକ ଭୋଟରଙ୍କୁ ଗଣନା ଫର୍ମ ବଣ୍ଟନ କରାଯାଇସାରିଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ପର୍ଯ୍ୟାୟରେ ସାମିଲ ହେବାକୁ ଥିବା ମୋଟ୍ ୫୧ କୋଟି ଭୋଟରଙ୍କ ମଧ୍ୟରୁ ଗଣନା ଫର୍ମ ୯୮

ଦଶମିକ୍ ୫/୪ ପ୍ରତିଶତକୁ ବଣ୍ଟା ଯାଇସାରିଛି । ଗତ ଚାରି ତାରିଖରୁ ଆରମ୍ଭ ହୋଇଥିବା ଏହି ଦ୍ୱିତୀୟ ପର୍ଯ୍ୟାୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ୯ଟି ରାଜ୍ୟ ଏବଂ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳକୁ ସାମିଲ କରାଯାଇଛି । ଉତ୍ତର ପ୍ରଦେଶରେ ୧୫ କୋଟିରୁ ଅଧିକ ଏବଂ ପଶ୍ଚିମବଙ୍ଗରେ ୭ କୋଟିରୁ ଅଧିକ ଭୋଟରଙ୍କୁ ଗଣନା ଫର୍ମ ଦିଆଯାଇସାରିଛି ବୋଲି ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି । ଆସନ୍ତା ବର୍ଷ ଫେବୃୟାରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।